# Akashvani, Sambalpur

# SAMBALPURI NEWS BULLETIN

## 5 January 2026 – 6.47- 6.52 am.

*********************************************

ଅନୁ ଗର୍ଗ -ଧାନ୍‌ଘିନା ସମୀକ୍ଷା I&PR

ରାଏଜେ ଖରିଫ୍ ଧାନ୍ ଘିନା ଥିତି ଆଉ ସାଧାରଣ ବଂଟନ୍ ବ୍ୟବସ୍ଥା ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ସମୀକ୍ଷା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଜାନୁଆରୀ ୩ ତାରିଖ୍‌ତକ୍ ୧୮ ଟା ଜିଲ୍ଲା ନ ଧାନ୍ ଘିନା ଚାଲିଥିବାର୍ ବେଲେ ୧୧ ଲାଖ୍ ୮୪ ହଜାର୍ ମେଟ୍ରିକ୍‌ଟନ୍ ଧାନ୍ ଘିନାଯାଇଛେ । ଇ ବଛର୍ ଧାନ୍ ବିକ୍‌ବାର୍‌କେ ୧୯ ଲାଖ୍ ୬୭ ହଜାର୍ ୮ ଶହ ୧୨ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ । ଖୋବ୍ ଜଲ୍‌ଦି ବାଦ୍ ପଡ଼ିଥିବା ଜିଲ୍ଲାମାନ୍‌କୁ ଭିଲ୍ ଧାନ୍ ଘିନା ମୁଲ୍ କରାଯିବା । ଚାଷୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ମଣ୍ଡିମାନ୍‌କର୍ ସୁପରିଚାଲନା କର୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ଇ ଅବ୍‌ସରେ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ସେନ୍ତା ରାଏଜେ ସାଧାରଣ୍ ବଂଟନ୍ ବ୍ୟବସ୍ଥାକେ ଠିକ୍ ଭାବେ ପରିଚାଲନା କରିକରି ସବୁ ହିତାଧିକାରୀମାନ୍‌କର୍ ପାଖିକେ ରାସନ୍ ଯୁଗେଇ ଦେବାର୍‌କେ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ ।

ବିଭାଗ୍‌ର କାମ୍ କାଜ୍‌ର ଆଧୁନିକ୍‌କରଣ୍ ବ୍ୟବସ୍ଥାକେ ଭିଲ୍ ସେ ପ୍ରଶଂସା କରିଛନ୍ ।

ଉଷା ପାଢ଼ୀ-ଆମ ବସ୍ ସମୀକ୍ଷା I&PR

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଆମ ବସ୍ ସେବାର୍ ସୁରକ୍ଷା ଆଉ ପରିଚାଲନା ବାବ୍‌ଦେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଆମ ବସ୍ ସେବାର୍ ପରିଚାଲନା ଲାଗି ଶ୍ରୀମତୀ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ୫ ଝନିଆ ଉଚ୍ଚସ୍ତରୀୟ କମିଟି ଗଠନ୍ କରାଯାଇଥିଲା । ଇ କମିଟି ନିୟମିତ ଭାବେ ଆମ ବସ୍‌ର ତଦାରଖ୍ ପରିଚାଲନା ଶୃଙ୍ଖଲାଥି ଉନ୍ନତି ଆଉ ସୁରକ୍ଷା ବଢ଼ାବାର୍ ଦିଗେ ନଜର୍ ଦେବା । ଫି’ ୧୫ ଦିନେ ଥରେ ଇ କମିଟି ଆମ ବସ୍ ସେବା ଆଉ ସୁରକ୍ଷାର୍ ସମୀକ୍ଷା କରିକରି କେନ୍‌ସି ସମସ୍ୟା ଦେଖାଦେଲେ ତୁର୍‌ତି ସମାଧାନ୍ କର୍‌ବାର୍ ଦିଗେ ପଦକ୍ଷେପ୍ ନେବେ । ଗଲାକାଏଲ୍ ଇ କମିଟି ଆମ ବସ୍ ସେବାର ସମୀକ୍ଷା କରିଥିଲେ ।

ବିଭିଜିରାମ୍‌ଜୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକଶିତ୍ ଭାରତ୍ ଜି ରାମ୍‌ଜୀ ଆଇନ୍ ଲାଗି ରାଜ୍ୟର୍ ଗାଁ ମାନ୍‌କେ ଖାସ୍ ଗ୍ରାମସଭା ମାନ୍‌କର୍ ଆୟୋଜନ୍ କରାଯିବା । ଇ ଆଇନ୍ ଜରିଏ ଲୁକ୍‌କୁ କେନ୍ତା ଲାଭ୍ ମିଲ୍‌ବା, ସେ ବାବ୍‌ଦେ ସଚେତନ୍ କରାଯିବାର୍ ସହେତେ ଗ୍ରାମ୍‌ସଭା ମାନ୍‌କେ ଇତାର୍ ପ୍ରଚାର୍ ପ୍ରସାର୍ କରାଯିବା । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍ ଆଉ ଜିଲ୍ଲାପରିଷଦ୍ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କୁ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଗ୍ରାମସଭା ଉତ୍‌ରୁ ତାର୍ ଜିଓଟେଗ୍ ଫଟୋ, ଭିଡ଼ିଓ ଆଉ ବୈଠକ୍‌ର ବିବରଣୀ ପଂଚାୟତ୍‌ର ଆପ୍ ମାନ୍‌କେ ଅପ୍‌ଲୋଡ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଗାଁମାନ୍‌କେ ଥିବା ସର୍‌କାରୀ କାର୍ଯ୍ୟାଳୟ କାନ୍ଥି, କମ୍ୟୁନିଟି ହଲ୍, ପଂଚାୟତ୍ କାର୍ଯ୍ୟାଳୟ ଆଉ ଗ୍ରାମ୍‌ସଭା ହେଉଥିବା ଠାନ୍ ମାନ୍‌କେ ସୂଚ୍‌ନା ହୋର୍ଡିଂ ଲଗାଯିବା । ସାମାଜିକ୍ ଗଣମାଧ୍ୟମ୍‌ଥି ଭିଲ୍ ପ୍ରଚାର୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମାନେକା ଗାନ୍ଧୀ-ଓଡ଼ିଶା          ଆର୍‌ଏନ୍‌ୟୁ/ ସମ୍ବଲପୁର

ପରମ୍ପରା ନାଁଥି ଜୀବ୍‌ଜନ୍ତୁର୍ ହତ୍ୟା ନାଇଁ କରାଯାଉ ବଲି ଆଘର୍ କେନ୍ଦ୍ରମନ୍ତ୍ରୀ ଆଉ ବିଶିଷ୍ଟ ପରିବେଶ୍‌ବିତ୍ ମାନେକା ଗାନ୍ଧୀ କହିଛନ୍ । ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଗଲାକାଏଲ୍ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀମତୀ ଗାନ୍ଧୀ କହିଛନ୍, ମହାତ୍ମାଗାନ୍ଧୀଙ୍କର୍

କାର୍ଯ୍ୟଧାରାର୍ କେନ୍ଦ୍ର ବିନ୍ଦୁ ପ୍ରାଣୀକଲ୍ୟାଣ୍ ଥିଲା । କେନ୍‌ସି ଭିଲ୍ କାରଣ୍ ଦେଖେଇକରି ଜୀବଜନ୍ତୁଙ୍କର୍ ହତ୍ୟା କରା ନାଇଁ ଯାଉ । ସେମାନ୍‌କର୍ ସୁରକ୍ଷା ସମ୍‌କର୍ ନୈତିକ କର୍ତବ୍ୟ ହେବାର୍ ଦର୍‌କାର୍ । ପ୍ରାଣୀ କଲ୍ୟାଣ୍ ଆଇନ୍ ଜୀବଜନ୍ତୁଙ୍କର୍ ଜୀବନ୍ ରକ୍ଷା ଲାଗି ଗୁଟେ ଭଲ୍ ଆଇନ୍ ଆଏ ବଲି ଶ୍ରୀମତୀ ଗାନ୍ଧୀ କହିଛନ୍ । ଓଡ଼ିଶା ଗସ୍ତ ଅବ୍‌ସରେ ମୁଖ୍ୟମନ୍ତ୍ରୀଙ୍କର୍ ଆବାସିକ୍ କାର୍ଯ୍ୟାଳୟକେ ଯାଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଶ୍ରୀମତୀ ଗାନ୍ଧୀ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଥିଲେ ।

ଅଶ୍ୱିନୀ ବୈଷ୍ଣବ୍            ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍ ୨୦୩୨ ମସିହାତକ୍ ସେମି କଣ୍ଡକ୍ଟର୍ ଉତ୍ପାଦନ୍ କ୍ଷେତ୍ରଥି ୪ ନମ୍ବର୍ ଦେଶ୍ ହେବା ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଶ୍ରୀ ବୈଷ୍ଣବ୍ କହିଛନ୍, ଦେଶେ ୪ ଟା ସେମି କଣ୍ଡକ୍ଟର୍ କମ୍ପାନୀ ଇ ବଛର୍ ନୁ ଉତ୍ପାଦନ୍ ମୁଲ୍ କର୍‌ବେ । ଇ କମ୍ପାନୀମାନେ ପ୍ରମୁଖ ଅଟୋ ମୋବାଇଲ୍ ଆଉ ଟେଲିକମ୍ପାନୀମାନ୍‌କୁ ସେମି କଣ୍ଡକ୍ଟର୍ ଯୁଗାବେ । ଦେଶର୍ ୨ ଶହ ୮୯ ଟା ବିଶ୍ୱବିଦ୍ୟାଳୟର୍ ଛାତ୍ରଛାତ୍ରୀମାନ୍‌କର୍ ତର୍‌ଫୁ ସେମି କଣ୍ଡକ୍ଟର୍ ଚିପ୍ ଡିଜାଇନ୍ କରାଯିବା । ସର୍‌କାର୍ ଏବ୍‌ତକ୍ ୧୦ ଟା ଚିପ୍ ତିଆରି ୟୁନିଟ୍‌କେ ଅନୁମୋଦନ୍ କରିଛନ୍ । ସେମିକର୍ଣ୍ଣ ଇଣ୍ଡିଆ ସମ୍ମିଳନୀଥି ୧ ଲାଖ୍ ୬୦ ହଜାର୍ କୋଟି

ଟଙ୍କାର୍ ପୁଞ୍ଜିନିବେଶ୍ ସେମିକଣ୍ଡକ୍ଟର୍ କ୍ଷେତ୍ରକେ ଆହୁରି ଆକୃଷ୍ଟ କରିଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ପୁରୀ ଗଜପତି- ପୁଷ୍ୟାଭିଷେକ       ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଆଏଜ୍ ପୁଷ୍ୟାଭିଷେକ୍ ନୀତି କରାଯିବା । ଶ୍ରୀନହର୍ ନ ଗଜପତି ମହାରାଜ୍ ସିଂହାସନ୍‌ଥି ବସ୍‌ଲା ଉତ୍‌ରୁ ଷୋଳ ଶାସନ୍ ବ୍ରାହ୍ମଣ ସହେତେ ୩୨ କରବାଡ଼୍ ବ୍ରାହ୍ମଣ ଆଉ ପଣ୍ଡିତ ମାନେ ଶ୍ରୀଫଳ ଆଉ ପଏତା ଦେଇକରି ନୀତି ପାଲନ୍ କର୍‌ବେ । ପଂଚ ଦେବତା ପୂଜା କର୍‌ବାର୍ ଉତ୍‌ରୁ ଶାସ୍ତ୍ରୀୟ ପୂଜା, ରାମଭିଷେକ ନୀତି କରାଯାଇକରି ପୁଷ୍ୟାନକ୍ଷତ୍ର ଯୋଗଥି ମହାରାଜ୍‌ଙ୍କର୍ ଅଭିଷେକ୍ କରାଯିବା ।

ଲୋକ୍‌ମହୋତ୍ସବ୍, ପଲ୍ଲିଶ୍ରୀ ମେଳା         ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆ ନ ୨୮ ନମ୍ବର ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଆଉ ପଲ୍ଲିଶ୍ରୀ ମେଳା ପଂଚବାଦ୍ୟ ଆଉ ରଙ୍ଗାରଙ୍ଗ ଆତସ୍‌ବାଜୀ ସହେତେ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ, ପଂଚାୟତିରାଜ୍

ମନ୍ତ୍ରୀ ରବିନାରାୟଣ୍ ନାୟକ୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ଆରକ୍ଷୀ ଅଧୀକ୍ଷକ୍ ମୁକେଶ୍ ଭାମ୍ରୁ ଆଉ ଅଲ୍‌ଗା ଅଧିକାରୀମାନେ ଉଦ୍‌ଘାଟନୀ ସମାରୋହଥି ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମନୋରଞ୍ଜନ୍ ସାହୁ, ଡକ୍ଟର୍ ପରମେଶ୍ୱର ମୁଣ୍ଡ, ଡକ୍ଟର୍ ଶ୍ୟାମସୁନ୍ଦର୍ ଧର୍ ଆଉ ସନ୍ଧ୍ୟାରାଣୀ ସର୍‌କାର୍‌ଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ପହେଲା ଦିନେ ରାଜ୍ୟ ଆଉ ରାଜ୍ୟ ବାହାରୁ ସାଂସ୍କୃତିକ୍ ଦଲ୍‌ମାନେ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।
ସେଆଡ଼େ ଝାର୍‌ସୁଗୁଡ଼ା ମହୋତ୍ସବ୍ ଦୁଲ୍‌ଦୁଲି- ୨୦୨୬ ର ୪ ନମ୍ବର୍ ଦିନେ ଗଲାକାଏଲ୍ ଭବ୍ୟ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ୭ ନମ୍ବର୍ ସଂସ୍କରଣ୍ ନ ଗଲାକାଏଲ୍ ପୁରୁଷବର୍ଗଥି ଚେନ୍ନଇ ନ ବେଦାନ୍ତ କଳିଙ୍ଗ ଲାନସର୍ସ ୪/୨ ଥି ରାଂଚି ରୟାଲ୍ସ ଦଲ୍‌କେ ହରେଇଛେ । ଆଏଜ୍ ସଞ୍ଜ୍‌ବେଲର୍ ୫ ବଜେ ରାଂଚି ନ ମହିଳା ବର୍ଗଥି ଜେଏସ୍‌ଡବ୍ଲୁ ସୁର୍‌ମା ହକି କ୍ଲବ୍ ଆଉ ରାଂଚି ରୟାଲ୍ସ ଦଲ୍ ମୁହାଁମୁହିଁ ହେବେ । ସେଆଡ଼େ ପୁରୁଷ ବର୍ଗଥି ଚେନ୍ନଇ ନ ସଞ୍ଜ୍‌ବେଲର୍ ସାଢ଼େ ୭ ବଜେ ଏସ୍‌ଜି ପାଇପର୍ସ ଆଉ ଏଚ୍‌ଆଇଏଲ୍‌ଜିସି ଦଲ୍ ଭିତ୍‌ରେ ମେଚ୍ ଖେଲାଯିବା ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍‌ଲହରୀ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨/୩ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ କମି କରି ଶୀତ୍ ବଢ଼ିପାରେ ।